# NATIONAL NEWS BULLETIN (ODIA)

**12 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ସ୍ନାତକ ଡାକ୍ତରୀ ଶିକ୍ଷା ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ୨୦୨୬ ବାତିଲ ।

- ଆସାମର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କଲେ ବରିଷ୍ଠ ବିଜେପି ନେତା ହିମନ୍ତ ବିଶ୍ୱଶର୍ମା ।

- ଯୋଗଦେଲେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ ।

- ଆନ୍ତର୍ଜାତିକ ସେବିକା ଦିବସ ଅବସରରେ ୧୫ଜଣ ସେବିକାଙ୍କୁ ରାଷ୍ଟ୍ରୀୟ ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

- ଚଳିତମାସ ୧୮ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ଅନୁଷ୍ଠିତ ହେବ ଗୁଜୁରାଟ୍ ଟାଇଟାନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍ ।

# ନିଟ୍‌-କ୍ୟାନ୍‌ସଲ

ଜାତୀୟ ପରୀକ୍ଷା ପରିଚାଳନା ସଂସ୍ଥା-ଏନ୍‌ଟିଏ ଚଳିତମାସ ୩ ତାରିଖରେ ଅନୁଷ୍ଠିତ ସ୍ନାତକ ଡାକ୍ତରୀ ଶିକ୍ଷା ପ୍ରବେଶିକା ପରୀକ୍ଷା ନିଟ୍‌-ୟୁଜି ୨୦୨୬କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି । ସାମାଜିକ ଗଣମାଧ୍ୟମରେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏନ୍‌ଟିଏର  ବିଶ୍ୱସନୀୟତା ଓ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । କେନ୍ଦ୍ର ସରକାର ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗର ସିବିଆଇ ତଦନ୍ତ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏନ୍‌ଟିଏ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ତଦନ୍ତକାରୀ ସଂସ୍ଥାକୁ ସମସ୍ତ ଦସ୍ତାବିଜ୍‌ ଯୋଗାଇ ଦେବ । ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ଉପରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ କେନ୍ଦ୍ରୀୟ ସଂସ୍ଥାର ସହଯୋଗରେ ହୋଇଥିବା ପ୍ରାଥମିକ ଅନୁସନ୍ଧାନ ପରେ ପରୀକ୍ଷା ବାତିଲ ପାଇଁ ନିଷ୍ପତ୍ତି ନିଆଯାଇଥିବା ଏନ୍‌ଟିଏ ସୂଚନା ଦେଇଛି । ପରବର୍ତ୍ତୀ ପରୀକ୍ଷା ସୂଚୀ ସମ୍ପର୍କରେ ବିଜ୍ଞପ୍ତି ମାଧ୍ୟମରେ ପରୀକ୍ଷାର୍ଥୀଙ୍କୁ ଜଣାଇ ଦିଆଯିବ ବୋଲି ଏନ୍‌ଟିଏ କହିଛି । ତେବେ ନିଟ୍‌ ପରୀକ୍ଷାର୍ଥୀମାନଙ୍କୁ ପୁନଃ ପଞ୍ଜିକରଣ କରିବାକୁ ପଡିବ ନାହିଁ କିମ୍ବା ପରୀକ୍ଷା ଫିସ୍‌ ଦେବାକୁ ହେବ ନାହିଁ ବୋଲି ଏନ୍‌ଟିଏ କହିଛି । ପରବର୍ତ୍ତୀ ପରୀକ୍ଷାରେ କେନ୍ଦ୍ର ଅପରିବର୍ତ୍ତିତ ରହିବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି ।

# ଆସାମ ସିଏମ୍ ଓଥ୍

ବରିଷ୍ଠ ବିଜେପି ନେତା ହିମନ୍ତ ବିଶ୍ୱଶର୍ମା ଆଜି ଆସାମର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । କ୍ରମାଗତ ଭାବେ ସେ ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିଛନ୍ତି । ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଡକ୍ଟର ଶର୍ମାଙ୍କୁ ଗୁଆହାଟୀର ଖାନ୍‌ପଡାସ୍ଥିତ ପଶୁସମ୍ପଦ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଡକ୍ଟର ଶର୍ମାଙ୍କ ସହିତ ୪ଜଣ ବିଧାୟକ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ସେମାନେ ହେଉଛନ୍ତି ବିଜେପିର ରାମେଶ୍ୱର ତେଲି ଓ ଅଜନ୍ତା ନିୟୋଗ, ଆସାମ ଗଣ ପରିଷଦର ଅତୁଲ ବୋରା ଏବଂ ବୋଡଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟର ଚରଣ ବୋରୋ । ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଅନ୍ୟ କେନ୍ଦ୍ରମନ୍ତ୍ରୀ ଓ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ ।

୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ ଚଳିତ ନିର୍ବାଚନରେ ବିଜେପି ୮୨ଟି ଆସନ ଅକ୍ତିଆର କରିଥିବାବେଳେ ଏହାର ସହଯୋଗୀ ଦଳ ଆସାମ ଗଣ ପରିଷଦ ଏବଂ ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ ୧୦ଟି ଲେଖାଏଁ ଆସନ ଅକ୍ତିଆର କରିଥିଲେ ।

## ପିଏମ୍‌-ଭଦୋଦରା

ପଶ୍ଚିମ ଏସିଆ ପରିସ୍ଥିତିକୁ ଚଳିତ ଦଶନ୍ଧିର ସବୁଠୁସଂକଟ ଭାବରେ ବର୍ଣ୍ଣନା କରି ଦେଶବାସୀଙ୍କୁ ଜାତୀୟ ସମ୍ପଦ ଉପରେ ବୋଝ କମ କରିବା ପାଇଁ ଏକତ୍ରୀତ ହେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ଗତକାଲି ଭଦୋଦରାରେ ସର୍ଦ୍ଦାର ଧାମ୍‌ ଛାତ୍ରାବାସର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ସମସ୍ତଙ୍କୁ ଆମର କର୍ତ୍ତବ୍ୟ ପାଳନ କରିବାକୁ ହେବ ଏବଂ ଦେଶର ସମ୍ପଦ ଉପରେ ବୋଝ କମ୍‌ କରିବା ଲାଗି ଏକତ୍ର ହୋଇ କାର୍ଯ୍ୟ କରିବାକୁ ପଡ଼ିବ। ସେ କହିଛନ୍ତି, ବିଦେଶରୁ ଆମଦାନୀ ହେଉଥିବା ଉତ୍ପାଦର ବ୍ୟବହାର କମ୍‌ କରି ବିଦେଶୀ ମୁଦ୍ରା ଖର୍ଚ୍ଚ ହେଉଥିବା କାର୍ଯ୍ୟରୁ ଦୂରେଇ ରହିବାକୁ ହେବ। ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ 'ଭୋକାଲ୍‌ ଫର୍‌ ଲୋକାଲ' ଉପରେ ଗୁରୁତ୍ୱ ଦେଇ ସ୍ଥାନୀୟ ଉତ୍ପାଦ ବ୍ୟବହାରକୁ ଅଧିକ କରିବା ଲାଗି ଆହ୍ୱାନ ଦେଇଛନ୍ତି।

**V/O (PM)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ ମଧ୍ୟ ସଶକ୍ତ ହୋଇପାରିବେ।

## ନର୍ସ ଡେ-ମିନିଷ୍ଟର

ଫ୍ଲୋରେନ୍ସ ନାଇଟେଙ୍ଗଲଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ଆଜି ଆନ୍ତର୍ଜାତିକ ସେବିକା ଦିବସ ପାଳନ କରାଯାଉଛି । ଆନ୍ତର୍ଜାତିକ ସେବିକା

ପରିଷଦ ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଉଥିବା ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି 'ଆମ ନର୍ସ ଆମ ଭବିଷ୍ୟତ, ନର୍ସଙ୍କୁ ସଶକ୍ତ କରିବା, ଜୀବନ ବଞ୍ଚାଇବା' । ଏହି ଶୀର୍ଷକ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରଗତିରେ ସେବିକାଙ୍କ ଭୂମିକାକୁ ଆଲୋକପାତ କରୁଛି । ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ କରିବାରେ ସେବିକାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଅବସରରେ ସେବିକା ସମାଜକୁ ଅଭିନନ୍ଦନ ଜଣାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ମଣିଷର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସେବିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ।

ଆନ୍ତର୍ଜାତିକ ସେବିକା ଦିବସ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସେବିକା ମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ସେବିକାମାନେ ହେଉଛନ୍ତି ଦେଶର ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ସଦୃଶ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଯନ୍ତ୍ରଣା ମଧ୍ୟରେ ଯିଏ ଆଶାର କିରଣ ଦେଖାଇଥାନ୍ତି ସେ ହେଉଛନ୍ତି ସେବିକା । ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ ସେବା ସୁସ୍ଥ ଭାରତର ବାସ୍ତବ ମୂଳଦୁଆ ସ୍ଥାପନ କରିବ ବୋଲି ସେ କହିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାମାନଙ୍କ

ଭୂମିକାକୁ ପ୍ରଶଂସା କରିଛନ୍ତି । ନାଗରିକମାନଙ୍କୁ ସେବିକାମାନଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

## ପ୍ରେଜ୍-ଫ୍ଲୋରେନ୍ସ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୧୫ଜଣ ସେବିକାଙ୍କୁ ରାଷ୍ଟ୍ରୀୟ ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାର ୨୦୨୬ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ପଞ୍ଜିକୃତ ସେବିକା ଓ ସେବା କାର୍ଯ୍ୟ ସହ ସମ୍ପର୍କିତ ଅନ୍ୟମାନଙ୍କୁ ପୁରସ୍କାର ବାବଦକୁ ପ୍ରମାଣପତ୍ର ୧ଲକ୍ଷ ଟଙ୍କା ଓ ପଦକ ପ୍ରଦାନ କରାଯାଇଥାଏ । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରସାଦ ନଡ୍ଡା, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ୧୯୭୩ ମସିହାରୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି ।

## ସିବିଆଇ-ଚନ୍ଦ୍ରନାଥ କେସ୍

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କ ହତ୍ୟା ଘଟଣାର ତଦନ୍ତଭାର ସିବିଆଇ ଗ୍ରହଣ କରିଛି ।

ପଶ୍ଚିମବଙ୍ଗ ପୋଲିସର ଅନୁମୋଦନ କ୍ରମେ ସିବିଆଇକୁ ତଦନ୍ତଭାର ହସ୍ତାନ୍ତର କରିଛି । ସୂଚନା ଅନୁଯାୟୀ କୋଲକାତା ଜୋନ୍‌ର ସିବିଆଇର ଯୁଗ୍ମ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଘଟଣାର ତଦନ୍ତ କରିବ । ଆଜି ସିବିଆଇର ଏକ ଟିମ୍ ମଧ୍ୟମ ଗ୍ରାମ ପୋଲିସ୍ ଷ୍ଟେସନ ପରିଦର୍ଶନ କରି ଘଟଣାସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ଓ୍ୱେଷ୍ଟବେଙ୍ଗଲ କ୍ୟାବିନେଟ୍

ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ପ୍ରଥମ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି ପଶ୍ଚିମବଙ୍ଗର ଲୋକଙ୍କ କଲ୍ୟାଣ ହେଉଛି ସର୍ବୋଚ୍ଚ ପ୍ରାଥମିକତା । ଉଚ୍ଚମାନର ଏବଂ ସୁଲଭ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରୁଥିବା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟସେବା ଯୋଜନା ଆୟୁଷ୍ମାନ ଭାରତ ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯିବ । ଡବଲ ଇଞ୍ଜିନ ସରକାର ପଶ୍ଚିମବଙ୍ଗରେ ପ୍ରମୁଖ କେନ୍ଦ୍ରୀୟ ଯୋଜନା ଗୁଡ଼ିକର ନିରବଚ୍ଛିନ୍ନ ବିତରଣକୁ ସୁନିଶ୍ଚିତ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେବା ପରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏଗୁଡ଼ିକ ମଧ୍ୟରେ ବାଂଲାଦେଶ ସୀମାରେ ବାଡ ଲଗାଇବା ପାଇଁ ୪୫ଦିନ

ମଧ୍ୟରେ ସୀମା ସୁରକ୍ଷା ବଳ-ବିଏସ୍‌ଏଫ୍‌କୁ ଜମି ହସ୍ତାନ୍ତର କରିବା ସାମିଲ ରହିଛି । ରାଜ୍ୟ ସରକାର ମଧ୍ୟ କେନ୍ଦ୍ରର ଫ୍ଲାଗ୍‌ସିପ୍ ଯୋଜନା ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ସହିତ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ କଲ୍ୟାଣକାରୀ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛନ୍ତି ।

## ପାକ୍-ଇରାନ ଏୟାରକ୍ରାଫ୍ଟ ପର୍‌ମିଟ

ଇରାନ ଓ ଆମେରିକା ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟରେ ମଧ୍ୟସ୍ଥତା ଭୂମିକା ନିର୍ବାହ କରୁଥିବା ପାକିସ୍ତାନ ନିଜ ଦେଶର ସାମରିକ ଘାଟୀ ବ୍ୟବହାର ଲାଗି ଇରାନ୍ ସେନାକୁ ଅନୁମତି ପ୍ରଦାନ କରିଛି । ଆମେରିକାର ଏକ ସଂସ୍ଥାର ରିପୋର୍ଟ ଅନୁଯାୟୀ ପାକିସ୍ତାନର ରାୱଲପିଣ୍ଡିରେ ଥିବା ନୁର୍ ଖାନ୍ ବାୟୁସେନା ଘାଟୀ ନିକଟରେ ଇରାନ୍‌ର କେତେକ  ଯୁଦ୍ଧ ଜାହାଜ ମୁତୟନ ହୋଇଛି । ଏହି ଘଟଣା ନେଇ ଆମେରିକାର ରିପବ୍ଲିକାନ୍ ସିନେଟ୍ ସଦସ୍ୟ ଲିଣ୍ଡ୍‌ସେ ଗ୍ରାହମ ଆମେରିକା-ଇରାନ୍ ମଧ୍ୟରେ ମଧ୍ୟସ୍ଥି ସାଜିଥିବା ପାକିସ୍ତାନ ଭୂମିକାର ପୁନଃ ମୂଲ୍ୟାୟନ ଲାଗି କହିଛନ୍ତି । ଏହି ରିପୋର୍ଟରେ ଇରାନ୍ କେତେକ ବେସାମରିକ ବିମାନକୁ ଆଫଗାନିସ୍ତାନକୁ ସ୍ଥାନାନ୍ତର କରିଥିବା ସୂଚନା ଦିଆଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗୁଜୁରାଟ୍ ଟାଇଟାନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୩ ୱିକେଟ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି ।